# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 06 October - 2023

### News Editor : ITISHREE SINGH RATHAUR

************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମାଓବାଦୀ ମୁକାବିଲା ସଂକ୍ରାନ୍ତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ
- ପୁରୀରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ଫାଇଭ୍-ଟି ସଚିବ

— ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜିଠାରୁ ଆରମ୍ଭ ହେଲା ଷୋଡଶ ଉପଚାର ପୂଜା

ଏବଂ

- ରାଜ୍ୟର କେତେକ ଅଞ୍ଚଳରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଅପସରଣ ପାଇଁ ପାଗ ଅନୁକୂଳ ଥିବା ପାଣିପାଗ କେନ୍ଦ୍ରର ସୂଚନା

# ବୈଠକ-ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ମାଓବାଦୀ ମୁକାବିଲା ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମାଓବାଦୀଙ୍କ ସ୍ଥିତି ଏବଂ ମୁକାବିଲା ରଣନୀତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଯୋଗଦେବା ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ସୋସିଆଲ୍ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ନକ୍ସଲବାଦ ମାନବିକତା ପ୍ରତି ଅଭିଶାପ। ଏହାର ମୂଳୋତ୍ପାଟନ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, ଅଶ୍ୱିନୀ ଚୌବେ, ଅର୍ଜୁନ ମୁଣ୍ଡା, ଦେବୁ ସିଂ ଚୌହାନ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିଂହଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିଶ୍, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଏବଂ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। କେନ୍ଦ୍ର ଗୃହସଚିବ ଅଜୟ ଭଲ୍ଲା, ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା ଏବଂ ଏନ୍ଆଇଏର ମହାନିର୍ଦ୍ଦେଶକଙ୍କ ସମେତ ବିଏସ୍ଏଫ୍, ସିଆରପିଏଫ୍, ଏସ୍ଏସ୍ବି, ଏନ୍ଏସ୍ଜିର ପ୍ରମୁଖ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଏଥିସହିତ ନକ୍ସଲ ପ୍ରଭାବିତ ରାଜ୍ୟଗୁଡ଼ିକର ଗୃହସଚିବ ଏବଂ ମୁଖ୍ୟ ଶାସନ ସଚିବମାନେ ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶାରୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ପୁଲସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଏହି ବୈଠକରେ ଯୋଗଦେଇଛନ୍ତି।

## ଆର୍.ବି.ଆଇ

ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ କହିଛନ୍ତି ରେପୋ ରେଟ୍ ୬ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ମୁଦ୍ରାନୀତି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରିଜର୍ଭ ବ୍ୟାଙ୍କରୁ ଜାରି ହୋଇଥିବା ବିବୃତ୍ତି ଅନୁସାରେ ସାମ୍ପ୍ରତିକ, ଅର୍ଥନୈତିକ ଓ ଆର୍ଥିକ ସ୍ଥିତିକୁ ବିଚାରକୁ ନିଆଯାଇ ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରିଜର୍ଭ ବ୍ୟାଙ୍କ କହିଛି ରିୟଲ **GDP** ଅଭିବୃଦ୍ଧି ହାର ୨୦୨୩-୨୪ ଆର୍ଥିକ ବର୍ଷପାଇଁ ୬ ଦଶମିକ ୫ ପ୍ରତିଶତ ରଖାଯାଇଛି ।

## ପରିକ୍ରମା ପ୍ରକଳ୍ପ

ଆସନ୍ତା ଡିସେମ୍ବର ମାସ ସୁଦ୍ଧା ପୁରୀ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍ ଆଜି ପୁରୀରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରୀକ୍ଷେତ୍ରକୁ ଆସୁଥିବା ଯାତ୍ରୀ ଏବଂ ସେବାୟତଙ୍କ ଦୁଇଚକିଆ ଯାନ ପାର୍କିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସହ ବାହ୍ୟ ରାସ୍ତାକୁ ଜବରଦଖଲ ମୁକ୍ତ ରଖିବା ପାଇଁ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ଫାଇଭ୍-ଟି ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମଠଗୁଡ଼ିକର ଐତିହ୍ୟ, କାରୁକାର୍ଯ୍ୟକୁ ଅକ୍ଷୁଣ୍ଣ ରଖି ଏହାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ଯଥାଶୀଘ୍ର ବିଦ୍ୟୁତ୍ ସବ୍‌ଷ୍ଟେସନ୍ କାର୍ଯ୍ୟ ଶେଷ କରିବାକୁ ଟାଟା ପାୱାରକୁ କୁହାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ରାତ୍ରି ସମୟରେ ଅଧିକ ଶ୍ରମଶକ୍ତି ବ୍ୟବହାର କରିବାକୁ କୁହାଯାଇଛି।

ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳ ଏବଂ ଶ୍ରୀସେତୁ ନିର୍ମାଣ କାର୍ଯ୍ୟ ସମୀକ୍ଷା କରି ଏହି ସ୍ଥାନରେ ଯାତ୍ରୀମାନଙ୍କୁ ଯେପରି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ଶ୍ରୀ ପାଣ୍ଡିଆନ୍ ପ୍ରକଳ୍ପ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ, ପୁରୀ ଜିଲ୍ଲାପାଳ, ଏସ୍‌ପି, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍କ୍ରବ୍ ଟାଇଫସ୍

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସୁନ୍ଦରଗଡ଼ ଜିଲ୍ଲାରେ ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସୁନ୍ଦରଗଡ଼ରେ ଆଉ ୨୫ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଗତକାଲି ପରୀକ୍ଷା କରାଯାଇଥିବା ୧୦୮ ନମୁନା ମଧ୍ୟରୁ ୨୫ ଜଣଙ୍କର ନମୁନା ପଜିଟିଭ୍ ଆସିଛି। ଫଳରେ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୫୫ରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ତେବେ ଜିଲ୍ଲାରେ ଯଥେଷ୍ଟ ଔଷଧ ମହଜୁଦ ରହିଛି। ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଦଳ

ବି ପ୍ରସ୍ତୁତ ଅଛନ୍ତି। ଏହି ରୋଗ ନେଇ ଗାଁ ଗାଁରେ ଲୋକମାନଙ୍କୁ ସଚେତନ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ଶହ ଥିଲା । ଏ ବର୍ଷ ଅଧିକ ନମୁନା ପରୀକ୍ଷଣ କରାଯାଉଥିବାରୁ ରୋଗୀ ସଂଖ୍ୟା ଅଧିକ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି।

# ଷୋଡ଼ଶ ପୂଜା

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜିଠାରୁ ଷୋଡ଼ଶ ପୂଜା ଆରମ୍ଭ ହୋଇଛି । ଏଥିପାଇଁ ଠାକୁରାଣୀଙ୍କର ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି । ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା'ଙ୍କର ଏହି ଷୋଡଶ ପୂଜା ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ କଟକ ଚଣ୍ଡୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ ଅନୁଷ୍ଠିତ ହେଉଛି ।

ଶ୍ରୀମନ୍ଦିର ସମେତ ପୁରୀ ଜିଲ୍ଲାର ବିଭିନ୍ନ ଦେବୀ ପୀଠରେ ଆଜି ଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ମନ୍ଦିରରେ ନିଷ୍ଠାର ସହ ପୂଜା ଆରମ୍ଭ ହୋଇଛି । ସେହିପରି କାକଟପୁର ମଙ୍ଗଳାପୀଠରେ ମଧ୍ୟ ଆଜି ଏହି ନୀତି ଆରମ୍ଭ ହୋଇଛି ।

# ସମବାୟ ସମିତି

ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଏଣିକି କୌଣସି ସମବାୟ ସମିତି ସେମାନଙ୍କର ସ୍ଥାବର ସମ୍ପତ୍ତି ବିକ୍ରି କିମ୍ବା ହସ୍ତାନ୍ତର କରିପାରିବେ ନାହିଁ । ଏଥିପାଇଁ ଗଠନ ହୋଇଥିବା କମିଟିର ଅନୁମୋଦନ ହାସଲ କରିବାକୁ

ପଡ଼ିବ । ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ କମିଟି ଗଠିତ ହୋଇଛି । ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଯୋଜନା ବିଭାଗର ଅତିରିକ୍ତ ଶାସନ ସଚିବ, ଆଇନ ବିଭାଗର ସହକାରୀ ନିର୍ଦ୍ଦେଶକ, ଅତିରିକ୍ତ ସମବାୟ ନିବନ୍ଧକ ପ୍ରମୁଖ ସଦସ୍ୟ ରହିଛନ୍ତି । ସମବାୟ ଉପନିବନ୍ଧକ ଏହି କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ ।

## ରାସାୟନିକ ଦ୍ରବ୍ୟ ନିଷିଦ୍ଧ

ରାଜ୍ୟରେ ତୃଣନାଶକ ଭାବରେ ବ୍ୟବହୃତ ହେଉଥିବା ରାସାୟନିକ ଦ୍ରବ୍ୟ ହର୍ବିସାଇଟ୍ ପାରାକ୍ୱେଟ୍ର ବ୍ୟବହାରକୁ ନିଷିଦ୍ଧ କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସାର୍ବଜନୀନ ନିରାପତ୍ତାକୁ ଦୃଷ୍ଟିରେ ରଖି ତଥା ପ୍ରାଣୀ ଜଗତ ଉପରେ ଏହାର ବ୍ୟବହାର ଜନିତ କୁପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । କୀଟନାଶକ ଅଧିନିୟମ ୧୯୬୮ ଅନୁଯାୟୀ ଏହି ନିଷେଧାଦେଶ ପ୍ରାଥମିକ ଭାବେ ୨ ମାସ ପାଇଁ ବଳବତ୍ତର ରହିବ । ଏହି ବିଷାକ୍ତ ରାସାୟନିକ ଦ୍ରବ୍ୟର ବିକ୍ରୟ, ମହଜୁଦ, ଉତ୍ପାଦନ ଓ ବ୍ୟବହାରକୁ ସମଗ୍ର ରାଜ୍ୟରେ ନିଷିଦ୍ଧ କରାଯାଇଛି ।

## +୩ ନାମଲେଖା ଫି ଫେରସ୍ତ

ଚଳିତବର୍ଷ ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ବଳକା ଫି ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ଅଧିକ ଜମା ହୋଇଥିବା ୮ କୋଟିରୁ ଊର୍ଦ୍ଧ୍ୱ

ଟଙ୍କା ଛାତ୍ରଛାତ୍ରୀଙ୍କୁ ଫେରସ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଛି । ସଂପୃକ୍ତ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ଜମା କରାଯିବ ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଓ୍ୱେଟିଂ ଲିଷ୍ଟ୍ ମେଧା ତାଲିକା ଆଜି ପ୍ରକାଶ ପାଇବ । ଆସନ୍ତା ୧୦ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

## ପୁରସ୍କାର ବିତରଣ-ଆକାଶବାଣୀ

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଆଜି ହିନ୍ଦୀ ପକ୍ଷ ପାଳନର ସମାପନ ସମାରୋହ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ହିନ୍ଦୀ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ର ହିନ୍ଦୀ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କେ.ବିଜୟକୁମାର, ପ୍ରସିଦ୍ଧ ହାସ୍ୟ ବ୍ୟଙ୍ଗ କବି କିଶନ ଖଣ୍ଡେଲଓ୍ୱାଲ୍, ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ତଥା ଉପ ମହାନିର୍ଦ୍ଦେଶକ ପ୍ରକାଶ କୁମାର ପତି କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ୍, ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ସସ୍ମିତା ଦାଶଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ଏସିଆନ୍ ଗେମ୍ସ

ଚୀନର ହାଙ୍ଗ୍‌ଝୌ ଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଆଜି ଭାରତର ତୀରଚାଳନା ମହିଳା ରିକର୍ଭ ଟିମ୍ ଭିଏତ୍‌ନାମକୁ ୬-୨ରେ ହରାଇ ବ୍ରୋଞ୍ଜପଦକ ହାସଲ କରିଛି । ସେହିଭଳି ବ୍ୟାଡମିଣ୍ଟନରେ ଏଚ୍.ଏସ୍. ପ୍ରଣୟ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ପୁରୁଷ କ୍ରିକେଟ୍‌ରେ ଭାରତ ବାଙ୍ଗଲାଦେଶକୁ ୯ ଓ୍ୱିକେଟ୍ ହରାଇ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଛି ।

ସେହିଭଳି ବ୍ୟାଡମିଣ୍ଟନରେ ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ପୁରୁଷ ଡବଲ୍ସ ସେମିଫାଇନାଲରେ ଆଜି ଖେଳିବେ । ହକିରେ ଭାରତୀୟ ପୁରୁଷ ଟିମ୍ ସ୍ୱର୍ଣ୍ଣପଦକ ପାଇଁ ଜାପାନ ବିପକ୍ଷରେ ମ୍ୟାଚ୍ ଖେଳିବ ବୋଲି ଜଣାପଡିଛି ।

ଭାରତ ଏପର୍ଯ୍ୟନ୍ତ ମୋଟ୍ ୮୮ଟି ପଦକ ହାସଲ କରିଛି । ସେଥି ମଧ୍ୟରେ ୨୧ଟି ସ୍ୱର୍ଣ୍ଣ, ୩୨ଟି ରୌପ୍ୟ ଓ ୩୫ଟି ବ୍ରୋଞ୍ଜ ପଦକ ରହିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ଅଛି ।

## ପାଣିପାଗ

ରାଜ୍ୟର କିଛି ଅଞ୍ଚଳରୁ ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ମୌସୁମୀ ବାୟୁ ଅପସରଣ ପାଇଁ ପାଗ ସମ୍ପୂର୍ଣ୍ଣ ଭାବେ ଅନୁକୂଳ ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ବର୍ଷା ପାଇଁ କୌଣସି

ସତର୍କ ସୂଚନା ଜାରି କରାଯାଇ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ଆଜି ଓ ଆସନ୍ତାକାଲି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକା ବର୍ଷାର ସମ୍ଭାବନା ରହିଛି ।

## ସୁବର୍ଣ୍ଣରେଖା ଜଳସ୍ତର

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଜଳେଶ୍ୱରଠାରେ ସୁବର୍ଣ୍ଣରେଖା ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି । ରାଜଘାଟଠାରେ ସୁବର୍ଣ୍ଣରେଖାର ସତର୍କ ସଂକେତ ୯ ଦଶମିକ ୪/୫ ମିଟର ଥିବାବେଳେ ସକାଳ ୯ଟା ସୁଦ୍ଧା ଏଠାରେ ୯ ଦଶମିକ ୬/୭ ମିଟର ଉପରେ ଜଳ ପ୍ରବାହିତ ହେଉଛି । ତେବେ ଅପରାହ୍ଣ ସୁଦ୍ଧା ରାଜଘାଟଠାରେ ଜଳପତ୍ତନ ହ୍ରାସ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥାନୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

*********************************